ମୁନୀନ୍ଦ୍ର କୁମାର ଏବଂ ଅନ୍ୟମାନେ ଇତ୍ୟାଦି

ବନାମ

ରାଜୀବ ଗୋଭିଲ୍ ଏବଂ ଅନ୍ୟମନେ ଇତ୍ୟାଦି

ମେ 10,1991

[ଏନ୍. ଏମ୍. କାସଲୀୱାଲ ଏବଂ କେ. ରାମସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତ ସମ୍ବିଧାନ, 1950:ଅଣୁଚ୍ଛେଦ 14 - ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦରେ ସହକାରୀ ଇଞ୍ଜିନିୟର (ନିର୍ମାଣ) ପଦବୀ ପାଇଁ ଚୟନ - - ଲିଖିତ ପରୀକ୍ଷା ପାଇଁ 120 ମାର୍କ ତୁଳନାରେ ସାକ୍ଷାତକାର ପାଇଁ 40 ମାର୍କ ଏବଂ ଗୋଷ୍ଠୀ ଆଲୋଚନା ପାଇଁ 40 ମାର୍କର ଆବଣ୍ଟନ – ଏହା ମନମୁଖୀ ଓ ଏହା ଉଲ୍ଲଂଘନ କି ?*

*ବେସାମରିକ ସେବା : ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ - ସହକାରୀ ଯନ୍ତ୍ରୀ (ନିର୍ମାଣ) - ଚୟନ - ଲିଖିତ ପରୀକ୍ଷା ପାଇଁ 120 ମାର୍କ ତୁଳନାରେ ସାକ୍ଷାତକାର ପାଇଁ 40 ମାର୍କ ଏବଂ ଗୋଷ୍ଠୀ ଆଲୋଚନା ପାଇଁ 40 ମାର୍କର ଆବଣ୍ଟନ - ମନମୁଖୀ ଥିଲା କି - ସାକ୍ଷାତକାର ପରୀକ୍ଷା ସହିତ ଗୋଷ୍ଠୀ ଆଲୋଚନାର ପଦ୍ଧତିରେ ଏହିପରି ଆଧାରରେ ହୋଇଥିବା ଚୟନ ତ୍ରୁଟିପୂର୍ଣ୍ଣ ଥିଲା କି - ଏହାର ବାଞ୍ଛନୀୟତା ଏବଂ ବୈଧତା - ମୌଖିକ ଏବଂ ଗୋଷ୍ଠୀ ଆଲୋଚନା ପାଇଁ ସଠିକ ନିର୍ଦ୍ଧାରିତ ମାର୍କ ଆବଣ୍ଟନ ହେବା ଉଚିତ୍।*

**ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ, ସହକାରୀ ଯନ୍ତ୍ରୀ (ନିର୍ମାଣ) ପଦବୀ ପୂରଣ ନିମିତ୍ତ, ଆବେଦନ କରିବା ପାଇଁ ଏକ ବିଜ୍ଞାପନ ଜାରି କରିଥିଲେ । ପରୀକ୍ଷା ଯୋଜନା ଅନୁଯାୟୀ, ଲିଖିତ ପରୀକ୍ଷା ନିମିତ୍ତ 120 ମାର୍କ ଆବଣ୍ଟନ କରାଯାଇଥିଲା ଏବଂ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପ୍ରତ୍ୟେକ ପାଇଁ 40 ମାର୍କ ଆବଣ୍ଟନ କରାଯାଇଥିଲା । ଉକ୍ତ ପ୍ରକ୍ରିୟା ଅନୁସରଣ କରି ପରିଷଦ ସଫଳ ପ୍ରାର୍ଥୀଙ୍କୁ ଚୟନ କରିଥିଲା ଏବଂ ସେମାନଙ୍କୁ ନିଯୁକ୍ତି ଦେଇଥିଲା ।**

**ତିନି ଜଣ ଅସଫଳ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟ ରେ ଆଜ୍ଞାଦେଶ ଆବେଦନ ଦାଖଲ କଲେ । ସେମାନେ ଯୁକ୍ତି କଲେ ଯେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ଆବଣ୍ଟିତ ମାର୍କ ଉଚ୍ଚତର ପାର୍ଶ୍ୱରେ ଥିଲା , ତେଣୁ ସମଗ୍ର ଚୟନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିଲା ଏବଂ ରଦ୍ଦ ହେବା ଉଚିତ୍ ଥିଲା ।**

ଏହି ଯୁକ୍ତିକୁ ସ୍ୱୀକାର କରି ଉଚ୍ଚ ନ୍ୟାୟାଳୟ ସମସ୍ତ ଆବେଦନକୁ ରଦ୍ଦ କରିଦେଲେ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଦ୍ୱାରା ଅସନ୍ତୁଷ୍ଟ ହୋଇ, ଆବେଦନକାରୀ, ଯେଉଁମାନେ ଚୟନ ହୋଇ ସହକାରୀ ଯନ୍ତ୍ରୀମାନେ (ନିର୍ମାଣ) ନିଯୁକ୍ତି ହୋଇଥିଲେ  ସେମାନେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଆବେଦନକୁ ଦାଖଲ କଲେ ।

ଆଂଶିକ ଭାବେ  ଆବେଦନଗୁଡ଼ିକୁ ଅନୁମତି ଦେଇ ଏହି ନ୍ୟାୟାଳୟ

ରାୟ ଦେଲେ ଯେ  : **1.**ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ଦ୍ୱାରା ସାକ୍ଷାତକାର ପାଇଁ **40** ମାର୍କ ଏବଂ ଗୋଷ୍ଠୀ ଆଲୋଚନା ପାଇଁ **40** ମାର୍କ ଧାର୍ଯ୍ୟ କରିବା ନିମିତ୍ତ ହୋଇଥିବା ନିୟମ ମନମୁଖୀ ଥିଲା ଏବଂ ଏହାକୁ ରଦ୍ଦ କରିଦିଆଯାଇଛି । ଭବିଷ୍ୟତରେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ମାର୍କ ମୋଟ ମାର୍କର ଯଥାକ୍ରମେ **10** ପ୍ରତିଶତ ଏବଂ **5** ପ୍ରତିଶତରୁ ଅଧିକ ହେବ ନାହିଁ । ତେବେ ସହକାରୀ ଯନ୍ତ୍ରୀ ଭାବେ (ନିର୍ମାଣ) ପଦବୀ ପାଇଁ ପରିଷଦ ଦ୍ୱାରା ପୂର୍ବରୁ କରାଯାଇଥିବା ଚୟନରେ ବାଧା ଦିଆଯିବ ନାହିଁ।

**2.** ଏହା ଧରି ନିଆଯାଇପାରିବ ନାହିଁ ପରିଷଦ ଦ୍ୱାରା ସହକାରୀ ଯନ୍ତ୍ରୀ ଚୟନ ନିମିତ୍ତ ସାକ୍ଷାତକାର ପରୀକ୍ଷା ସହିତ ଗୋଷ୍ଠୀ ଆଲୋଚନାର ପଦ୍ଧତି କୌଣସି ଉପାୟରେ ତ୍ରୁଟିପୂର୍ଣ୍ଣ, ବେଆଇନ ଓ ଅସମ୍ବିଧାନିକ ଥିଲା ।  **1979** ମସିହାରୁ ପରିଷଦରେ ଏହା ପ୍ରଚଳିତ ଅଛି ଏବଂ ଭବିଷ୍ୟତରେ ସହକାରୀ ଯନ୍ତ୍ରୀ ଚୟନ ପାଇଁ ଗୋଷ୍ଠୀ ଆଲୋଚନାର ପଦ୍ଧତି , ସାକ୍ଷାତକାର ନିମିତ୍ତ ସହାୟ ହେବ କି ନାହିଁ , ଏହା ପରିଷଦର ନିଜସ୍ୱ ବିବେଚନା ଉପରେ ନିର୍ଭର କରେ ।

**3.** ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱର ଆକଳନ କରିବା ଏବଂ ପ୍ରାସଙ୍ଗିକ ଚାକିରି ପାଇଁ ତାଙ୍କର ଉପଯୁକ୍ତତା ନିର୍ଦ୍ଧାରଣ କରିବା ନିମିତ୍ତ ସାକ୍ଷାତକାର ସହାୟ ହେଉଥିବାରୁ ଗୋଷ୍ଠୀ ଆଲୋଚନା ହେଉଛି ଚୟନ ପ୍ରକ୍ରିୟାରା ଏକ ମାଧ୍ୟମ । ଏକ ସାକ୍ଷାତକାର କିମ୍ବା ମୌଖିକ ପରୀକ୍ଷା କ୍ଷେତ୍ରରେ ଏହା ଏକ ସମୟରେ ଜଣେ ପ୍ରାର୍ଥୀଙ୍କ ପାଇଁ ସୀମିତ ଥିବାବେଳେ ଗୋଷ୍ଠୀ  ଆଲୋଚନା କ୍ଷେତ୍ରରେ ଏହା ପ୍ରାର୍ଥୀଙ୍କ ଏକ ଗୋଷ୍ଠୀ ମଧ୍ୟରେ ଅନୁଷ୍ଠିତ ହୁଏ । ସାଧାରଣତଃ, ସମାନ ବୟସ , ସମାନ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଏବଂ ପାରିପାର୍ଶ୍ୱିକ ପୃଷ୍ଠଭୂମିର ପ୍ରାର୍ଥୀମାନଙ୍କୁ "ଶ୍ରେଣୀଭୁକ୍ତ କରାଯାଇଥାଏ ଏବଂ କୌଣସି ଏକ ବିଷୟ ଉପରେ ଆଲୋଚନା କରିବାକୁ କୁହାଯାଇଥାଏ । ଗୁଣ, ମାନସିକ ସତର୍କତା, ନିଜକୁ ଦୃଢ଼ କରିବାର ଶୈଳୀ, ଅନ୍ୟମାନଙ୍କ ମତ ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ଶାଳୀନତା ନ ହରାଇ ଏକ ବିଷୟ ଉପରେ ଆଲୋଚନା କରିବାର କ୍ଷମତା ଏବଂ ବହୁ ସଂଖ୍ୟକ

**ଲୋକ ସମ୍ମୁଖୀନ ହେଉଥିବା ସମସ୍ୟାର ସମ୍ମୁଖୀନ ହେବା ସମୟରେ ତାଙ୍କର ପଦକ୍ଷେପ, କୌଶଳ ଏବଂ ଆତ୍ମବିଶ୍ୱାସର ଆକଳନ କରିବା ହେଉଛି ଗୋଷ୍ଠୀ ଆଲୋଚନାର ଉଦ୍ଦେଶ୍ୟ । ଗୋଷ୍ଠୀ ଆଲୋଚନାରେ ପରୀକ୍ଷକ ପ୍ରାର୍ଥୀମାନଙ୍କୁ ପଛରୁ ନିରୀକ୍ଷଣ କରନ୍ତି ଏବଂ ନିଜେ ଆକଳନ କରନ୍ତି , ତେଣୁ ଗୋଷ୍ଠୀ ଆଲୋଚନା ପାଇଁ ମାର୍କ ଆବଣ୍ଟନ, ସାକ୍ଷାତକାର ପାଇଁ ଆବଣ୍ଟିତ ମାର୍କ ସହିତ ସମାନ ହୋଇପାରିବ ନାହିଁ । ସାକ୍ଷାତକାରରେ ପ୍ରତ୍ୟେକ ପ୍ରାର୍ଥୀ ଏକ ସୁଯୋଗ ପାଆନ୍ତି ଏବଂ ସାକ୍ଷାତକାର ପରିଷଦର ସଦସ୍ୟମାନେ ଚାକିରି ପାଇଁ ତାଙ୍କର ଉପଯୁକ୍ତତା ନିର୍ଦ୍ଧାରଣ କରିବା ପାଇଁ ପ୍ରାର୍ଥୀଙ୍କ ବୁଦ୍ଧି, ଦକ୍ଷତା ଏବଂ ବ୍ୟକ୍ତିତ୍ୱକୁ ଭଲ ଭାବରେ ବିଚାର କରିବାକୁ ସକ୍ଷମ ହୁଅନ୍ତି । ଗୋଷ୍ଠୀ ଆଲୋଚନା ପାଇଁ ଥିବା ମାର୍କ କୁ , ସାକ୍ଷାତକାର ସହିତ ସମାନ ସ୍ତରରେ ରଖାଯାଇପାରିବ ନାହିଁ ।ତେବେ, ସହକାରୀ ଯନ୍ତ୍ରୀ ପଦବୀ ପାଇଁ ପ୍ରାର୍ଥୀଙ୍କ ଉପଯୁକ୍ତତାର ଆକଳନ କରିବା ପାଇଁ ଏକ ପଦ୍ଧତି ଭାବରେ ଗୋଷ୍ଠୀ ଆଲୋଚନା, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତର ପ୍ରଦେଶ ବିଦ୍ୟୁତ୍ ପରିଷଦ ବ୍ୟତୀତ ଭାରତର ଅନ୍ୟ କୌଣସି ରାଜ୍ୟ ବିଦ୍ୟୁତ୍ ପରିଷଦ ଦ୍ୱାରା ଅନୁସରଣ କରାଯାଉ ନାହିଁ । ବିଷୟର ସମସ୍ତ ଦିଗ ଏବଂ ବିଭିନ୍ନ ପରୀକ୍ଷାରେ ଗ୍ରହଣ କରାଯାଇଥିବା ପ୍ରକ୍ରିୟାକୁ ଧ୍ୟାନରେ ରଖି, ସାକ୍ଷାତକାର ପାଇଁ ମୋଟ 15 ପ୍ରତିଶତ ମାର୍କ ରଖିବା ଉଚିତ ଏବଂ ଯଦି ନିୟମ ପ୍ରଣୟନକାରୀ କର୍ତ୍ତୃପକ୍ଷ ଗୋଷ୍ଠୀ ଆଲୋଚନାକୁ ମଧ୍ୟ ଏକ ଚୟନ ମାଧ୍ୟମ ଭାବରେ ରଖିବାକୁ ଚାହାଁନ୍ତି, ତେବେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ମାର୍କ ମୋଟ ମାର୍କର ଯଥାକ୍ରମେ 10 ପ୍ରତିଶତ ଏବଂ 5 ପ୍ରତିଶତରୁ ଅଧିକ ହେବା ଉଚିତ ନୁହେଁ ।**

ମୋହିନ୍ଦର ସାଇନ୍ ଗର୍ଗ ଏବଂ ଅନ୍ୟମାନେ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ JT 19904 H SC 704 ମାମଲା ଉପରେ ନିର୍ଭର କରାଗଲା ।

**4. ଏଥିରେ କୌଣସି ସନ୍ଦେହ ନାହିଁ ଯେ ଉତ୍ତରଦାତାମାନଙ୍କୁ ସମ୍ବିଧାନର ଅନୁଚ୍ଛେଦ 14 କୁ ଉଲ୍ଲଙ୍ଘନ କରୁଥିବା ମନମୁଖୀ ନିୟମକୁ ଆପତ୍ତି କରିବା ଠାରୁ ନିବୃତ୍ତ କରାଯାଇପାରିବ ନାହିଁ, କିନ୍ତୁ ଆଶ୍ୱସ୍ତି ପ୍ରଦାନ କରିବାର, ସୁଯୋଗ ନେଇ ଏବଂ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ଧାର୍ଯ୍ୟ କରାଯାଇଥିବା ମାର୍କର ପ୍ରତିଶତକୁ ସମ୍ପୂର୍ଣ୍ଣ ଭାବରେ ଜାଣିବା ପରେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିବାରେ ସେମାନଙ୍କର ଆଚରଣ, ଏବଂ ଯେଉଁମାନେ ମନୋନୀତ ହୋଇଛନ୍ତି ସେମାନଙ୍କ ସମାନତା ହେଉଛି ଏଠାରେ ପ୍ରାସଙ୍ଗିକ ବିଚାର । ଆବେଦନକାରୀମାନେ 28 ଡିସେମ୍ବର, 1989 ତାରିଖରେ ଏହି ପଦବୀରେ ଯୋଗ ଦେଇଛନ୍ତି ଏବଂ ତାଲିମ ସମାପ୍ତ କରିବା ପରେ ସେମାନେ ବିଭିନ୍ନ ସ୍ଥାନରେ ସେମାନଙ୍କର କର୍ତ୍ତବ୍ୟ ନିର୍ବାହ କରୁଛନ୍ତି । ସେମାନଙ୍କ ମଧ୍ୟରୁ**

**କେତେକ ନିଜର ପୂର୍ବ ଚାକିରି ଛାଡ଼ିଦେଇଥିଲେ ଏବଂ ସେମାନଙ୍କ ବୟସ ସୀମାକୁ ଅତିକ୍ରମ କରିସାରିଛନ୍ତି । ନ୍ୟାୟ ଦୃଷ୍ଟିରୁ ଆବେଦନକାରୀଙ୍କ ଚୟନକୁ ରଦ୍ଦ କରିବା ଠିକ୍ ନୁହେଁ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2433-2435/ 1991 ଇତ୍ୟାଦି ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 10643, 10342 ଓ 10706/1989ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 20.3.1990 ତାରିଖର  ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏସ୍. ଏସ୍. ରାୟ, ପି. ପି. ରାଓ, ଏସ୍. ଏନ୍. ଭଟ୍ଟ, ନରେନ୍ଦ୍ର ସିଂହ ମଲିକ, ସୁନୀଲ ଗୁପ୍ତା, ହରିଶ ଏନ୍. ସାଲଭେ ଏବଂ ପ୍ରଦୀପ ମିଶ୍ର ।

ଉତ୍ତରଦାତାମାନଙ୍କ ତରଫରୁ ୟୁ. ଆର୍. ଲଳିତ, ଆର୍. ସି. ବର୍ମା, ବିରେନ୍ଦ୍ର ମିଶ୍ର, ଗୋପାଳ ସୁବ୍ରମଣ୍ୟମ ଏବଂ ଶ୍ରୀମତୀ ଏସ୍. ଦୀକ୍ଷିତ ।

ନ୍ୟାୟମୂର୍ତ୍ତି  କାସଲୀୱାଲ୍ ଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା  ।

ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ଦ୍ୱାରା ସହକାରୀ ଯନ୍ତ୍ରୀଙ୍କ ଚୟନ ପାଇଁ ଗୋଷ୍ଠୀ ଆଲୋଚନା ଏବଂ ସାକ୍ଷାତକାର ପାଇଁ ଦିଆଯାଇଥିବା ପ୍ରତିଶତ କେତେ ଯୁକ୍ତିଯୁକ୍ତ, ଏହି ପ୍ରଶ୍ନ ସହିତ ଆମେ ଏହି ଆବେଦନରେ ସମ୍ମୁଖୀନ ହେଉଛୁ ।

ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ, ସହକାରୀ ଯନ୍ତ୍ରୀ ( ନିର୍ମାଣ ) ପଦବୀ ପୂରଣ ପାଇଁ ଏପ୍ରିଲ 1989 ମସିହାରେ ଆବେଦନ କରିବା ନିମିତ୍ତ ବିଜ୍ଞପ୍ତି ଜାରି କରିଥିଲେ ।  ଲିଖିତ ପରୀକ୍ଷା ପାଇଁ 120 ମାର୍କ, ସାକ୍ଷାତକାର ପାଇଁ 40 ମାର୍କ ଏବଂ ଗୋଷ୍ଠୀ ଆଲୋଚନା ପାଇଁ 40 ମାର୍କ ଆବଣ୍ଟନ କରାଯାଇଥିଲା । ପରିଷଦ ଦ୍ୱାରା ଲିଖିତ ପରୀକ୍ଷା 9 ଜୁଲାଇ, 1989 ରେ ଅନୁଷ୍ଠିତ ହୋଇଥିଲା ଏବଂ ତା 'ପରେ ଅକ୍ଟୋବର ଏବଂ ନଭେମ୍ବର, 1989 ରେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ହୋଇଥିଲା । ଯୋଗ୍ୟତା କ୍ରମ ଅନୁଯାୟୀ ସଫଳ ପ୍ରାର୍ଥୀମାନଙ୍କ ଫଳାଫଳ ତାଲିକା ଦୈନିକ ଖବର କାଗଜରେ 27 ନଭେମ୍ବର 1989 ତାରିଖରେ ପ୍ରକାଶ ପାଇଥିଲା । ତା 'ପର ଦିନ ହିଁ ପରିଷଦ ସଫଳ ପ୍ରାର୍ଥୀମାନଙ୍କୁ ପୃଥକ ପୃଥକ ଚିଠି କରି ସେମାନଙ୍କୁ ଡିସେମ୍ବର 26,1989ରେ ଲକ୍ଷ୍ନୌସ୍ଥିତ ବିଦ୍ୟୁତ ତାଲିମ ପ୍ରତିଷ୍ଠାନରେ ଯୋଗଦେବାକୁ ଡାକରା ପଠାଇଥିଲେ ।  ଆମ ସମ୍ମୁଖରେ ଥିବା ଆବେଦନକାରୀମାନେ ଡିସେମ୍ବର, 1989ରେ ଏହି ପ୍ରତିଷ୍ଠାନରେ ଯୋଗ ଦେଇଥିଲେ ଏବଂ ତା'

ପରେ ସେମାନଙ୍କୁ ତାଲିମ ପାଇଁ ବିଭିନ୍ନ ସ୍ଥାନକୁ ପଠାଯାଇଥିଲା ଏବଂ ସେମାନେ ପୂର୍ବ ନିର୍ଦ୍ଧାରିତ ବେତନ ହାରରେ ଦରମା ପାଇଥିଲେ ଏବଂ ସେବେଠାରୁ ସେମାନେ ସମ୍ପୃକ୍ତ ପଦବୀରେ ନିରନ୍ତର କାର୍ଯ୍ୟ କରୁଛନ୍ତି ।

ଅନ୍ୟାନ୍ୟ ବିଷୟ ମଧ୍ୟରେ, ତିନିଜଣ ଅସଫଳ ପ୍ରାର୍ଥୀ ଆହ୍ଲାବାଦସ୍ଥିତ ଉଚ୍ଚ ନ୍ୟାୟାଳୟଙ୍କର ଲକ୍ଷ୍ନୌ ଖଣ୍ଡପୀଠରେ ଏହି ଆଧାରରେ ଆଜ୍ଞାଦେଶ ଆବେଦନ ଦାଖଲ କଲେ ଯେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ମାର୍କ ଗୁଡ଼ିକୁ ଉଚ୍ଚତ୍ତର ପାର୍ଶ୍ୱରେ ଏବଂ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତି ବିରୁଦ୍ଧରେ ଆବଣ୍ଟନ କରାଯାଇଥିଲା, ତେଣୁ ସମଗ୍ର ଚୟନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିଲା , ତେଣୁ ଏହା ରଦ୍ଦ ହେବା ଯୋଗ୍ୟ । ଉଚ୍ଚ ନ୍ୟାୟାଳୟ 28 ମାର୍ଚ୍ଚ, 1990 ତାରିଖର ରାୟ ଦ୍ୱାରା ଏକ ସାମୁହିକ ରାୟ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଏହି ଆଧାରରେ ଅନୁମତି ଦେଇଥିଲେ ଯେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ଆବଣ୍ଟିତ ମାର୍କ 20 ପ୍ରତିଶତରୁ ଅଧିକ ଥିଲା ଏବଂ ତେଣୁ ସମଗ୍ର ଚୟନ ପ୍ରକ୍ରିୟା ରଦ୍ଦ ହେବାର ଯୋଗ୍ୟ ଥିଲା । ଉଚ୍ଚ ନ୍ୟାୟାଳୟଙ୍କର ରାୟ ବିରୋଧରେ ପୀଡ଼ିତ ହୋଇ ଆବେଦନକାରୀମାନେ ସ୍ୱତନ୍ତ୍ର ଆବେଦନ ଦ୍ୱାରା ଏହି ନ୍ୟାୟାଳୟରେ ଆବେଦନ କରିଛନ୍ତି ।

9 ଜୁଲାଇ, 1989 ତାରିଖରେ ହୋଇଥିବା ଲିଖିତ ପରୀକ୍ଷାର ଫଳସ୍ୱରୂପ 386 ଜଣ ପ୍ରାର୍ଥୀଙ୍କୁ ଗୋଷ୍ଠୀ ଆଲୋଚନା / ସାକ୍ଷାତକାର ପାଇଁଡାକରା ଦିଆଯାଇଥିଲା । ପରେ ଆଉ 49 ଜଣ ପ୍ରାର୍ଥୀଙ୍କୁ ଗୋଷ୍ଠୀ ଆଲୋଚନା ଏବଂ ସାକ୍ଷାତକାର ପାଇଁ ଡାକରା ଦିଆଯାଇଥିଲା । ସଫଳ ଘୋଷିତ ହୋଇଥିବା 46 ଜଣ ପ୍ରାର୍ଥୀଙ୍କ ତାଲିକା ପରିଷଦ ଦ୍ୱାରା ପ୍ରକାଶିତ ହୋଇଥିଲା । ଏହି 46 ଜଣ ପ୍ରାର୍ଥୀଙ୍କ ମଧ୍ୟରୁ 25 ଜଣ ସାଧାରଣ ବର୍ଗର ପ୍ରାର୍ଥୀ ଥିଲେ । ଉଚ୍ଚ ନ୍ୟାୟାଳୟ ରେ ଦଖଲ ହୋଇଥିବା ଏହାର ପ୍ରତିଆରୋପ ଶପଥ ପତ୍ରରେ ପରିଷଦ ସ୍ୱୀକାର କରିଛନ୍ତି ଯେ ଗୋଷ୍ଠୀ ଆଲୋଚନା ସାକ୍ଷାତକାର ର ଏକ ଅଂଶ ଥିଲା ।ଯଦି ସେହି ସ୍ଥିତିକୁ ଗ୍ରହଣ କରାଯାଏ ତେବେ ଏହା ଦର୍ଶାଏ ଯେ ଲିଖିତ ପରୀକ୍ଷା ପାଇଁ 120 ମାର୍କ ଏବଂ ସାକ୍ଷାତକାର ପାଇଁ 80 ମାର୍କ (ସାକ୍ଷାତକାର ପାଇଁ 40 ଏବଂ ଗୋଷ୍ଠୀ ଆଲୋଚନା ପାଇଁ 40 ମାର୍କ ) ଆବଣ୍ଟନ କରାଯାଇଥିଲା , ତେଣୁ ଏହା ସାକ୍ଷାତକାର ପାଇଁ ମୋଟ ମାର୍କର 40 ପ୍ରତିଶତ ରେ ପରିଣତ ହେଉଛି । ଏହି ନ୍ୟାୟାଳୟ ପୂର୍ବରୁ ମୋହିନ୍ଦର ସାଇନ୍ ଗର୍ଗ ଏବଂ ଅନ୍ୟମାନେ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ, JT 1990 4 SC 704 ମାମଲାରେ ଦିଆଯାଇଥିବା ସଦ୍ୟତମ ନିଷ୍ପତ୍ତିରେ ସାର୍ବଜନୀନ ପଦବୀରେ ଚୟନ ପାଇଁ ସାକ୍ଷାତକାର ପାଇଁ ଆବଣ୍ଟିତ ମାର୍କର ପ୍ରତିଶତ ପ୍ରଶ୍ନ ଉପରେ ବିଚାର କରିସାରିଛନ୍ତି, ଯେଉଁଠାରେ ସର୍ବାଧିକ ପ୍ରତିଶତ ମୋଟ ମାର୍କର 15 ପ୍ରତିଶତରେ ଧାର୍ଯ୍ୟ କରାଯାଇଛି । ଏହି ମାମଲାରେ ପୂର୍ବବର୍ତ୍ତୀ ସମସ୍ତ

ମାମଲା ଉଲ୍ଲେଖ କରାଯାଇଥିଲା ଏବଂ ପ୍ରଶ୍ନଟି ଆଉ ଅନିର୍ଣ୍ଣିତ ହୋଇ ରହିନାହିଁ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଏହି ରାୟରେ ଠିକ୍ ଥିଲେ ଯେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ଆବଣ୍ଟିତ ମାର୍କ ମନମୁଖୀ ଥିଲା । ଉଚ୍ଚ ନ୍ୟାୟାଳୟ  ମାର୍କର ପ୍ରତିଶତକୁ ମନମୁଖୀ ବୋଲି କହିବା ପରେ ସମଗ୍ର ଚୟନକୁ ମଧ୍ୟ ରଦ୍ଦ କରିଦେଲେ ।ଏହି ନ୍ୟାୟାଳୟ 23 ଏପ୍ରିଲ, 1990 ରେ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଗ୍ରହଣ କରିବା ସମୟରେ ଉଚ୍ଚ ନ୍ୟାୟାଳୟଙ୍କର ରାୟର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଥିଲେ ଏବଂ ଆବେଦନକାରୀମାନଙ୍କୁ ସେବା ଜାରି ରଖିବାକୁ ଅନୁମତି ଦେଇଥିଲେ ଏବଂ ଏହିପରି ଆବେଦନକାରୀମାନେ ସେମାନଙ୍କ ସେବା ଜାରି ରଖିଛନ୍ତି । ଆମେ ଯୁକ୍ତି ଶୁଣିଥିଲୁ ଏବଂ 8 ଫେବୃଆରୀ, 1991 ରେ ରାୟ ସଂରକ୍ଷିତ ରଖିବା ସମୟରେ ନିମ୍ନଲିଖିତ ନିର୍ଦ୍ଦେଶ ଦେଇଥିଲୁ ।

> " ଭାରତର ବିଭିନ୍ନ ରାଜ୍ୟର ସମସ୍ତ ବିଦ୍ୟୁତ ପରିଷଦର ସହକାରୀ ଯନ୍ତ୍ରୀମାନଙ୍କ ନିଯୁକ୍ତି/ଚୟନ ପାଇଁ ସେବା ନିୟମ ପଇଠ କରିବାକୁ ଆମେ ପରିଷଦ ତରଫରୁ ବିଦ୍ୱାନ ପରାମର୍ଶଦାତାଙ୍କୁ ନିର୍ଦ୍ଦେଶ ଦେଉଛୁ । ପରିଷଦ,  ଅନ୍ୟ କୌଣସି ସରକାରୀ ଶିଳ୍ପ ଉଦ୍ଯୋଗର ନିୟମ, ଯଦି କିଛି ଥାଏ, ତାହାକୁ ଉପସ୍ଥାପନ କରିବେ, ଯେଉଁଠାରେ ସହକାରୀ ଯନ୍ତ୍ରୀ  କିମ୍ବା ସମାନ ବୈଷୟିକ କର୍ମଚାରୀଙ୍କ ନିଯୁକ୍ତି କରାଯାଇଥାଏ, ଯେଉଁଠାରେ ନିଯୁକ୍ତି ପାଇଁ ଗୋଷ୍ଠୀ ଆଲୋଚନା ଏକ ସର୍ତ୍ତ ଅଟେ । ଯଦି ଗୋଷ୍ଠୀ ଆଲୋଚନା ସେହି ଉଦ୍ୟୋଗଗୁଡ଼ିକରେ, ତେବେ ଗୋଷ୍ଠୀ  ଆଲୋଚନା ପାଇଁ ଧାର୍ଯ୍ୟ କରାଯାଇଥିବା ମାର୍କର ପ୍ରତିଶତ ଏବଂ ଗୋଷ୍ଠୀ ଆଲୋଚନା ପାଇଁ ଦିଆଯାଇଥିବା ବିଷୟ ସମେତ ଅନ୍ୟାନ୍ୟ ବିବରଣୀ ଏହି ନ୍ୟାୟାଳୟରେ ଦାଖଲ କରାଯିବା ଉଚିତ ।
>
> ଉପରୋକ୍ତ ସମସ୍ତ ସାମଗ୍ରୀ ତିନି ସପ୍ତାହ ମଧ୍ୟରେ ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦର ସଚିବଙ୍କ ଶପଥ ପତ୍ର ସହିତ ପଇଠ  କରାଯିବା ଉଚିତ ।

ଏହି ନ୍ୟାୟାଳୟଙ୍କର ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ଏକ  ଶପଥ ପତ୍ର ଦାଖଲ କରି ଦର୍ଶାଇଥିଲେ ଯେ ପରିଷଦ ଇତିମଧ୍ୟରେ,  ଦେଶର 16ଟି ବିଦ୍ୟୁତ ପରିଷଦ ଏବଂ ଅନ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଯୋଗାଯୋଗ କରିଛନ୍ତି । ଉକ୍ତ ଯୋଗାଯୋଗର ଜବାବରେ, ତାଙ୍କ ଦ୍ୱାରା ପ୍ରାପ୍ତ ସୂଚନା ଏହି ନ୍ୟାୟାଳୟରେ ଦାଖଲ କରାଯାଇଛି । ଉକ୍ତ ସୂଚନା ଅନୁଯାୟୀ 14 ଟି ବିଦ୍ୟୁତ ପରିଷଦ ସେମାନଙ୍କ ଉତ୍ତର ପଠାଇ କହିଛନ୍ତି ଯେ ସହକାରୀ ଯନ୍ତ୍ରୀ ପଦବୀରେ ନିଯୁକ୍ତି ପାଇଁ ସେମାନଙ୍କ ନିୟମରେ ଗୋଷ୍ଠୀ ଆଲୋଚନାର କୌଣସି ବ୍ୟବସ୍ଥା

ନାହିଁ । କେବଳ ଗୋଟିଏ ପରିଷଦ ଯଥା ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ସୂଚନା ଦେଇଛି ଯେ ସେମାନଙ୍କ ନିୟମରେ ସାକ୍ଷାତକାର/ଗୋଷ୍ଠୀ ଆଲୋଚନା ପାଇଁ ଏକ ବ୍ୟବସ୍ଥା ଥିଲା କିନ୍ତୁ ଲିଖିତ ପରୀକ୍ଷା ପାଇଁ 100 ଏବଂ ସାକ୍ଷାତକାର/ଗୋଷ୍ଠୀ ଆଲୋଚନା ପାଇଁ 10 ମାର୍କ ଆବଣ୍ଟନ ପାଇଁ ବ୍ୟବସ୍ଥା ରଖାଯାଇଥିଲା । ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମ୍ବନ୍ଧରେ, କୋଲ୍ ଇଣ୍ଡିଆ ଲିମିଟେଡ୍, ତୈଳ ଏବଂ ପ୍ରାକୃତିକ ବାଷ୍ପ ଆୟୋଗ, ଜାତୀୟ ଜଳବିଦ୍ୟୁତ ଶକ୍ତି ନିଗମ, ଜାତୀୟ ତାପଜ ଶକ୍ତି ନିଗମ ଏବଂ ତେହରି ଜଳବିଦ୍ୟୁତ ବିକାଶ ନିଗମରେ ଗୋଷ୍ଠୀ ଆଲୋଚନା ପାଇଁ କୌଣସି ବ୍ୟବସ୍ଥା ନାହିଁ । ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ସୂଚନା ଦେଇଛନ୍ତି ଯେ ସେମାନଙ୍କ ନିୟମରେ ଗୋଷ୍ଠୀ ଆଲୋଚନା ପାଇଁ ବ୍ୟବସ୍ଥା ରହିଛି ଏବଂ ଲିଖିତ ପରୀକ୍ଷା ପାଇଁ 50, ସାକ୍ଷାତକାର ପାଇଁ 35 ଏବଂ ଗୋଷ୍ଠୀ ଆଲୋଚନା ପାଇଁ 15 ମାର୍କ ଆବଣ୍ଟିତ ହୋଇଛି । ଏଚଏମଟି ଲିମିଟେଡ ସୂଚନା ଦେଇଛି ଯେ ସେମାନଙ୍କ ନିୟମରେ ଲିଖିତ ପରୀକ୍ଷା ପାଇଁ 100 ମାର୍କ ଏବଂ ସାକ୍ଷାତକାର/ଗୋଷ୍ଠୀ ଆଲୋଚନା ପାଇଁ 100 ମାର୍କ ଆବଣ୍ଟନ କରାଯାଇଛି । ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ସୂଚନା ଦେଇଛି ଯେ ସେମାନଙ୍କ ନିୟମରେ ଲିଖିତ ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ ଏବଂ ସେମାନେ ସାକ୍ଷାତକାର ପାଇଁ 60 ପ୍ରତିଶତ ଏବଂ ଗୋଷ୍ଠୀ ଆଲୋଚନା ପାଇଁ 40 ପ୍ରତିଶତ ମାର୍କ ପାଇଁ ବ୍ୟବସ୍ଥା ରଖିଛନ୍ତି । ଉପରୋକ୍ତ ସୂଚନା ଦର୍ଶାଏ ଯେ ବିଦ୍ୟୁତ ପରିଷଦ ସମ୍ବନ୍ଧରେ, ସହକାରୀ ଯନ୍ତ୍ରୀ ପଦବୀ ନିଯୁକ୍ତି ପାଇଁ ଏକ ପଦ୍ଧତି ଭାବରେ ଗୋଷ୍ଠୀ ଆଲୋଚନା ଆନ୍ଧ୍ରପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ଏବଂ ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦରେ ପ୍ରଚଳିତ , କିନ୍ତୁ ଏହା ଭାରତର ଅନ୍ୟ କୌଣସି ରାଜ୍ୟରେ ପ୍ରଚଳିତ ନାହିଁ । ଯେ ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ସୁନିଶ୍ଚିତ, ସେହି କ୍ଷେତ୍ରରେ ଏହା ଲିଖିତ ପରୀକ୍ଷା ପାଇଁ 100 ମାର୍କ ଏବଂ ସାକ୍ଷାତକାର/ଗୋଷ୍ଠୀ ଆଲୋଚନା ପାଇଁ ମାତ୍ର 10 ମାର୍କ ପ୍ରଦାନ କରାଯିବାକୁ ବ୍ୟବସ୍ଥା ରଖିଛି । ଏପରିକି ଭାରତୀୟ ପ୍ରଶାସନିକ ସେବା ଏବଂ ରାଜ୍ୟଗୁଡ଼ିକରେ ବିଭିନ୍ନ ବିଭାଗରେ ଅନ୍ୟାନ୍ୟ ପ୍ରଶାସନିକ ପଦବୀରେ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଗୋଷ୍ଠୀ ଆଲୋଚନାକୁ ଚୟନ ପଦ୍ଧତି ଭାବରେ ରଖାଯାଏ ନାହିଁ।

ଆମେ ବର୍ତ୍ତମାନ ସାକ୍ଷାତକାର ର ସହାୟ ନିମିତ୍ତ ଚୟନ କରିବାର ଏକ ମାଧ୍ୟମ ଭାବରେ ଗୋଷ୍ଠୀ ଆଲୋଚନାକୁ ବିଚାର କରିବୁ । ଗୋଷ୍ଠୀ ଆଲୋଚନା ପରୀକ୍ଷା ପ୍ରଥମେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ସେମାନଙ୍କ ପାଇଁ କର୍ମଚାରୀଙ୍କ ଚୟନ ପାଇଁ ପ୍ରବର୍ତ୍ତନ କରାଯାଇଥିଲା ଏବଂ ଏହା ସଫଳ ହେବା ପରେ ସେମାନେ ଏହାକୁ ଭାରତର ସଶସ୍ତ୍ର ବାହିନୀରେ ନିଯୁକ୍ତି ନିମିତ୍ତ ସେବା ଚୟନ ପରିଷଦରେ ପ୍ରବର୍ତ୍ତନ କରିଥିଲେ । ଧୀରେ ଧୀରେ ପରୀକ୍ଷଣର ଏହି ପଦ୍ଧତିର ଉପଯୋଗିତା ଏବଂ ସଫଳତା ଏହାକୁ ଆମ ଦେଶର ଅନ୍ୟାନ୍ୟ ସଂଗଠନ ମଧ୍ୟରେ ସରକାରୀ କ୍ଷେତ୍ର ଏବଂ ଘରୋଇ

ସଂସ୍ଥା ଏବଂ ଉଦ୍ୟୋଗଗୁଡ଼ିକରେ ଲୋକପ୍ରିୟତା ଆଣିଦେଲା ।  ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱର ମୂଲ୍ୟାଙ୍କନ ଆଦେଶ ଏବଂ ହାତରେ ଥିବା ଚାକିରି ପାଇଁ ତାଙ୍କର ଉପଯୁକ୍ତତା ନିର୍ଣ୍ଣୟ ଆଦେଶ ପାଇଁ ସାକ୍ଷାତକାରର ସହାୟତା ପାଇଁ ଏହା ଏକ ଚୟନ ପଦ୍ଧତି । ଏକ ସାକ୍ଷାତକାର କିମ୍ବା ମୌଖିକ ପରୀକ୍ଷା କ୍ଷେତ୍ରରେ ଏହା ଏକ ସମୟରେ ଜଣେ ପ୍ରାର୍ଥୀଙ୍କ ପାଇଁ ସୀମିତ ଥିବାବେଳେ ଗୋଷ୍ଠୀ ଆଲୋଚନା କ୍ଷେତ୍ରରେ ଏହା ପ୍ରାର୍ଥୀମାନଙ୍କ ଏକ ଗୋଷ୍ଠୀ ମଧ୍ୟରେ ଅନୁଷ୍ଠିତ ହୁଏ ।ସାଧାରଣତଃ, ସମାନ ବୟସ , ସମାନ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଏବଂ ପାରିପାର୍ଶ୍ୱିକ ପୃଷ୍ଠଭୂମିର ପ୍ରାର୍ଥୀମାନଙ୍କୁ "ଶ୍ରେଣୀଭୁକ୍ତ କରାଯାଇଥାଏ ଏବଂ କୌଣସି ଏକ ବିଷୟ ଉପରେ ଆଲୋଚନା କରିବାକୁ କୁହାଯାଇଥାଏ । ଏକଗୋଷ୍ଠୀ ସାଧାରଣତଃ 5-10 ପ୍ରାର୍ଥୀଙ୍କୁ ନେଇ ଗଠିତ ହୋଇଥାଏ । ଗୋଟିଏ ସଂଘରେ ଥିବା ପ୍ରାର୍ଥୀମାନଙ୍କୁ ଆଲୋଚନା ପାଇଁ ଦିଆଯାଇଥିବା ବିଷୟ ଉପରେ ନିଜର ମତ ବ୍ୟକ୍ତ କରିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥାଏ ।ଗୋଷ୍ଠୀ ଆଲୋଚନାରେ ପ୍ରାର୍ଥୀମାନଙ୍କୁ କୁହାଯାଇ ନଥାଏ ଯେ କିଏ ପ୍ରଥମେ କିମ୍ବା ଶେଷରେ କହିବେ ଏବଂ ପ୍ରତ୍ୟେକ ପ୍ରାର୍ଥୀ ଏହିପରି ଆଲୋଚନାରେ କେତେ ସମୟ ନେବେ । ପରୀକ୍ଷକ ଦୁଇଟି କିମ୍ବା ତିନୋଟି ବିଷୟ ଦିଅନ୍ତି ଏବଂ ସଂଘକୁ ସେମାନଙ୍କ ମଧ୍ୟରୁ କୌଣସି ଗୋଟିଏ ବାଛିବାକୁ ଏବଂ ତା 'ପରେ ସେଗୁଡ଼ିକ ବିଷୟରେ ଆଲୋଚନା କରିବାକୁ କୁହନ୍ତି । ପରୀକ୍ଷକ କେବଳ ପୃଷ୍ଠଭୂମିରେ ଜଣେ ନୀରବ ପର୍ଯ୍ୟବେକ୍ଷକ ଭାବରେ କାର୍ଯ୍ୟ କରନ୍ତି ।  ପରୀକ୍ଷକ ଏକ ପରଦା ପଛରେ ରହିପାରନ୍ତି ଯେଉଁଠାରୁ ସେ ପ୍ରାର୍ଥୀମାନଙ୍କୁ ଦେଖିପାରିବେ ଏବଂ ଶୁଣି ପାରିବେ କିନ୍ତୁ ଗୋଷ୍ଠୀ  ପରିକ୍ଷକଙ୍କୁ ଦେଖିପାରିବ ନାହିଁ କିମ୍ବା ଶୁଣି ପାରିବ ନାହିଁ । ଯେହେତୁ ସଂଘର ସଦସ୍ୟମାନେ ବିଷୟଟିର ଏକ ମୁକ୍ତ ଏବଂ ଖୋଲାଖୋଲି ଆଲୋଚନାରେ ନିୟୋଜିତ ଅଛନ୍ତି, ପରୀକ୍ଷକ ବିଭିନ୍ନ ପ୍ରାର୍ଥୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟଗୁଡ଼ିକୁ ଧ୍ୟାନର ସହ ଉଲ୍ଲେଖ କରନ୍ତି । ଦଳର ସଦସ୍ୟ ଭାବେ ଆଚରଣ କରିବା ସମୟରେ ପ୍ରତ୍ୟେକ ପ୍ରାର୍ଥୀ କିପରି ଭାବ ବିନିମୟ କରନ୍ତି ଏବଂ ପ୍ରତିକ୍ରିୟା ପ୍ରକାଶ କରନ୍ତି, ତାହା ପରୀକ୍ଷକଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଏ ।

ଗୋଷ୍ଠୀ ଆଲୋଚନାର ଉଦ୍ଦେଶ୍ୟ ହେଉଛି ଏକ  ଗୋଷ୍ଠୀ ର ସଦସ୍ୟମାନଙ୍କୁ ସମସ୍ୟାର ସମାଧାନ ଖୋଜିବା ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ସ୍ୱଳ୍ପ ସୂଚନାରେ ସେମାନଙ୍କର ବିଚାର ବ୍ୟକ୍ତ କରିବାକୁ ଉତ୍ସାହିତ କରିବା । ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ଦାଖଲ କରିଛନ୍ତି ଯେ ସହକାରୀ ଯନ୍ତ୍ରୀ ପଦବୀ ପାଇଁ ଚୟନ ପଦ୍ଧତି ଭାବରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସାକ୍ଷାତକାର ପରୀକ୍ଷା ଏବଂ ଗୋଷ୍ଠୀ ଆଲୋଚନା ପ୍ରଚଳିତ ହୋଇ ଆସୁଛି । ଆମ ମତରେ ଏହା ଧରି ନିଆଯାଇପାରିବ ନାହିଁ ପରିଷଦ ଦ୍ୱାରା ସହକାରୀ ଯନ୍ତ୍ରୀ ଚୟନ ନିମିତ୍ତ ମୌଖିକ ପରୀକ୍ଷା ସହିତ

ଗୋଷ୍ଠୀ ଆଲୋଚନାର ପଦ୍ଧତି କୌଣସି ଉପାୟରେ ତ୍ରୁଟିପୂର୍ଣ୍ଣ, ବେଆଇନ ଓ ଅସମ୍ବିଧାନିକ ଥିଲା । 1979 ମସିହାରୁ ପରିଷଦରେ ଏହା ପ୍ରଚଳିତ ଅଛି ଏବଂ ଭବିଷ୍ୟତରେ ସହକାରୀ ଯନ୍ତ୍ରୀ ଚୟନ ପାଇଁ ଗୋଷ୍ଠୀ ଆଲୋଚନାର ପଦ୍ଧତି , ସାକ୍ଷାତକାର ପରୀକ୍ଷା ନିମିତ୍ତ ସହାୟ ହେବ କି ନାହିଁ , ଏହା ପରିଷଦର ନିଜସ୍ୱ ବିବେଚନା ଉପରେ ନିର୍ଭର କରେ ।

ବର୍ତ୍ତମାନ ଯେଉଁ ପ୍ରଶ୍ନ ଆମ ବିଚାର ମଧ୍ୟକୁ ଆସୁଛି ତାହା ହେଉଛି ଗୋଷ୍ଠୀ ଆଲୋଚନା ପାଇଁ କେତେ ପ୍ରତିଶତ ମାର୍କ ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଇପାରେ । ଗୁଣ, ମାନସିକ ସତର୍କତା, ନିଜକୁ ଦୃଢ଼ କରିବାର ଶୈଳୀ, ଅନ୍ୟମାନଙ୍କ ମତ ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ଶାଳୀନତା ନ ହରାଇ ଏକ ବିଷୟ ଉପରେ ଆଲୋଚନା କରିବାର କ୍ଷମତା ଏବଂ ବହୁ ସଂଖ୍ୟକ ଲୋକ ସମ୍ମୁଖୀନ ହେଉଥିବା ସମସ୍ୟାର ସମ୍ମୁଖୀନ ହେବା ସମୟରେ ତାଙ୍କର ପଦକ୍ଷେପ, କୌଶଳ ଏବଂ ଆତ୍ମବିଶ୍ୱାସର ଆକଳନ କରିବା ହେଉଛି ଗୋଷ୍ଠୀ ଆଲୋଚନାର ଉଦ୍ଦେଶ୍ୟ । ତେବେ, ସହକାରୀ ଯନ୍ତ୍ରୀ ପଦବୀ ପାଇଁ ପ୍ରାର୍ଥୀଙ୍କ ଉପଯୁକ୍ତତାର ଆକଳନ କରିବା ପାଇଁ ଏକ ପଦ୍ଧତି ଭାବରେ ଗୋଷ୍ଠୀ ଆଲୋଚନା, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତର ପ୍ରଦେଶ ବିଦ୍ୟୁତ୍ ପରିଷଦ ବ୍ୟତୀତ ଭାରତର ଅନ୍ୟ କୌଣସି ରାଜ୍ୟ ବିଦ୍ୟୁତ୍ ପରିଷଦ ଦ୍ୱାରା ଅନୁସରଣ କରାଯାଉ ନାହିଁ । ଗୋଷ୍ଠୀ ଆଲୋଚନାରେ ପରୀକ୍ଷକ ପ୍ରାର୍ଥୀମାନଙ୍କୁ ପଛରୁ ନିରୀକ୍ଷଣ କରନ୍ତି ଏବଂ ନିଜେ ଆକଳନ କରନ୍ତି , ତେଣୁ ଗୋଷ୍ଠୀ ଆଲୋଚନା ପାଇଁ ମାର୍କ ଆବଣ୍ଟନ, ସାକ୍ଷାତକାର ପାଇଁ ଆବଣ୍ଟିତ ମାର୍କ ସହିତ ସମାନ ହୋଇପାରିବ ନାହିଁ । ସାକ୍ଷାତକାରରେ ପ୍ରତ୍ୟେକ ପ୍ରାର୍ଥୀ ଏକ ସୁଯୋଗ ପାଆନ୍ତି ଏବଂ ସାକ୍ଷାତକାର ପରିଷଦର ସଦସ୍ୟମାନେ ଚାକିରି ପାଇଁ ତାଙ୍କର ଉପଯୁକ୍ତତା ନିର୍ଦ୍ଧାରଣ କରିବା ପାଇଁ ପ୍ରାର୍ଥୀଙ୍କ ବୁଦ୍ଧି, ଦକ୍ଷତା ଏବଂ ବ୍ୟକ୍ତିତ୍ୱକୁ ଭଲ ଭାବରେ ବିଚାର କରିବାକୁ ସକ୍ଷମ ହୁଅନ୍ତି । ଗୋଷ୍ଠୀ ଆଲୋଚନା ପାଇଁ ଥିବା ମାର୍କ କୁ , ସାକ୍ଷାତକାର ସହିତ ସମାନ ସ୍ତରରେ ରଖାଯାଇପାରିବ ନାହିଁ । ତେଣୁ ଆମର ବିଚାରରେ, ଯେପରି ପୂର୍ବରୁ ମୋହିନ୍ଦର ସାଇନ୍ ଗର୍ଗଙ୍କ (ଉପରୋକ୍ତ) ମାମଲାରେ ଧରି ନିଆଯାଇଥିଲା, ସେପରି ସାକ୍ଷାତକାର ପାଇଁ ମୋଟ 15 ପ୍ରତିଶତ ମାର୍କ ନିର୍ଦ୍ଧାରିତ କରିବାକୁ ହେବ, ଏବଂ ଯଦି ନିୟମ ପ୍ରଣୟନକାରୀ କର୍ତ୍ତୃପକ୍ଷ ଗୋଷ୍ଠୀ ଆଲୋଚନାକୁ ମଧ୍ୟ ଚୟନ କରିବାର ଏକ ମାଧ୍ୟମ ଭାବରେ ଜାରି ରଖିବାକୁ ଚାହାଁନ୍ତି, ତେବେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ମାର୍କ ମୋଟ ମାର୍କର ଯଥାକ୍ରମେ 10 ପ୍ରତିଶତ ଏବଂ 5 ପ୍ରତିଶତରୁ ଅଧିକ ହେବା ଉଚିତ ନୁହେଁ ।

ପରବର୍ତ୍ତୀ ପ୍ରଶ୍ନ ଯାହା ବିଚାର ପାଇଁ ଉଠିଛି, ତାହା ହେଉଛି ବର୍ତ୍ତମାନର ମାମଲାରେ କେଉଁ ଦିଗ ଟି ନ୍ୟାୟପୂର୍ଣ୍ଣ ଏବଂ ସଠିକ ହେବ । ସହକାରୀ ଯନ୍ତ୍ରୀ (ନିର୍ମାଣ) ପଦବୀ ପାଇଁ ପରିଷଦ ଦ୍ୱାରା

କରାଯାଇଥିବା ସମ୍ପୂର୍ଣ୍ଣ ଚୟନକୁ ରଦ୍ଦ କରିବା ପାଇଁ ଆମେ ଉଚ୍ଚ ନ୍ୟାୟାଳୟ ଙ୍କ ସହ ସହମତ ନୁହଁ। ଏହା ଉଲ୍ଲେଖ କରାଯାଇପାରେ ଯେଉଁମାନେ ବିଫଳ ହୋଇଥିଲେ ଯଥା ଯେ ରାଜୀବ ଗୋଭିଲ୍, ବିବେକ ଅଗ୍ରୱାଲ ଏବଂ ଜ୍ଞାନେନ୍ଦ୍ର ଶ୍ରୀବାସ୍ତବ, ସୁଯୋଗ ନେଇ ଏବଂ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ରଖାଯାଇଥିବା ମାର୍କର ପ୍ରତିଶତକୁ ସମ୍ପୂର୍ଣ୍ଣ ଭାବରେ ଜାଣିବା ପରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନଙ୍କୁ ସମ୍ବିଧାନର ଅନୁଚ୍ଛେଦ 14 କୁ ଉଲ୍ଲଙ୍ଘନ କରୁଥିବା ମନମୁଖୀ ନିୟମକୁ ଆପତ୍ତି କରିବା ଠାରୁ ନିବୃତ୍ତ କରାଯାଇପାରିବ ନାହିଁ, କିନ୍ତୁ ଆଶ୍ୱସ୍ତିକୁ କିଛି ପରିମାଣରେ ସଂଶୋଧନ କରିବାରେ, ସେମାନଙ୍କର ଆଚରଣ ଏବଂ ଯେଉଁମାନେ ମନୋନୀତ ହୋଇଛନ୍ତି ସେମାନଙ୍କ ସମାନତା ହେଉଛି ଏକ ପ୍ରାସଙ୍ଗିକ ବିଚାର । ଆବେଦନକାରୀମାନେ ଡିସେମ୍ବର, 1989 ରେ ଏହି ପଦବୀରେ ଯୋଗ ଦେଇଛନ୍ତି ଏବଂ ତାଲିମ ସମାପ୍ତ କରିବା ପରେ ବିଭିନ୍ନ ସ୍ଥାନରେ ସେମାନଙ୍କର କର୍ତ୍ତବ୍ୟ ନିର୍ବାହ କରୁଛନ୍ତି । ସେମାନଙ୍କ ତରଫରୁ ଏହା ଦାଖଲ କରାଯାଇଛି ଯେ ସେମାନଙ୍କ ମଧ୍ୟରୁ କେତେକ ସେମାନଙ୍କର ପୂର୍ବ ଚାକିରି ଛାଡିଦେଇଛନ୍ତି ଏବଂ ସେମାନଙ୍କ ବୟସ ସୀମା ଅତିକ୍ରମ କରିସାରିଛନ୍ତି । ତେଣୁ ନ୍ୟାୟ ଦୃଷ୍ଟିରୁ ଆବେଦନକାରୀମାନଙ୍କ ଚୟନକୁ ରଦ୍ଦ କରିବା ଉଚିତ ନୁହେଁ ବୋଲି ଆମେ ବିବେଚନା କରୁ । ଆମେ ସାଧାରଣ ବର୍ଗର 295 ଜଣ ପ୍ରାର୍ଥୀଙ୍କ ମାର୍କସିଟ୍ ଦେଖିଛୁ ଯେଉଁମାନେ ପ୍ରକୃତରେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନାରେଉପସ୍ଥିତ ଥିଲେ । ସାଧାରଣ ବର୍ଗର ଉତ୍ତରଦାତାମାନେ, ବିଭିନ୍ନ ବିଷୟରେ ନିମ୍ନଲିଖିତ ମାର୍କ ହାସଲ କରିଛନ୍ତି :

| ନାମ | ଲିଖିତ ପରୀକ୍ଷା | ଗୋଷ୍ଠୀ ଆଲୋଚନା | ସାକ୍ଷାତକାର | ସର୍ବମୋଟ |
|---|---|---|---|---|
| ରାଜୀବ ଗୋଭିଲ | 85 | 5 | 29 | 119 |
| ବିବେକ ଅଗ୍ରୱାଲ | 87.5 | 12 | 28 | 127.5 |
| ଜ୍ଞାନେନ୍ଦ୍ର ବାହାଦୁର ଶ୍ରୀବାସ୍ତବ | 81 | 17 | 18 | 116 |

ସାଧାରଣ ବର୍ଗରେ ଚୟନ ହୋଇଥିବା 25 ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଶେଷ ପ୍ରାର୍ଥୀ 134.5 ମାର୍କ ହାସଲ କରିଛନ୍ତି । ସାଧାରଣ ବର୍ଗରେ ଚୟନ ହୋଇଥିବା 25 ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଲିଖିତ ପରୀକ୍ଷାରେ 5 ଜଣ ପ୍ରାର୍ଥୀ ରାଜୀବ ଗୋଭିଲଙ୍କ ଠାରୁ କମ୍ ନମ୍ବର ପାଇଛନ୍ତି, 9 ଜଣ ପ୍ରାର୍ଥୀ ବିବେକ ଅଗ୍ରୱାଲଙ୍କ ନିମ୍ନରେ ଏବଂ 2 ଜଣ ଜ୍ଞାନେନ୍ଦ୍ର ବାହାଦୂର ଶ୍ରୀବାସ୍ତବଙ୍କ ନିମ୍ନରେ ରହିଛନ୍ତି । ମାର୍କସିଟର ଅନୁଧ୍ୟାନରୁ ଏହା ମଧ୍ୟ ଜଣାପଡ଼େ ଯେ 50 ଜଣ ପ୍ରାର୍ଥୀଙ୍କୁ ଚୟନ କରାଗଲା ନାହିଁ ଯଦିଓ ସେମାନେ ଲିଖିତ ପରୀକ୍ଷାରେ 87.5 କିମ୍ବା ତା 'ଠାରୁ ଅଧିକ ମାର୍କ ହାସଲ କରିଥିଲେ , ଆହୁରି ମଧ୍ୟ 85 ମାର୍କରୁ ଅଧିକ ହାସଲ କରିଥିବା 79 ଜଣ ପ୍ରାର୍ଥୀ ଏବଂ ଲିଖିତ ପରୀକ୍ଷାରେ 81 ମାର୍କରୁ ଅଧିକ ହାସଲ କରିଥିବା 100 ରୁ ଅଧିକ ପ୍ରାର୍ଥୀଙ୍କୁ ଚୟନ କରାଗଲା ନାହିଁ । ଯଦି ଆମେ ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନା ପାଇଁ ଯଥାକ୍ରମେ 10 ପ୍ରତିଶତ ଏବଂ 5 ପ୍ରତିଶତ ମାର୍କ ରଖି ସାକ୍ଷାତକାର ଏବଂ ଗୋଷ୍ଠୀ ଆଲୋଚନାର ଆଉ ଏକ ସୁଯୋଗ ଦେବାକୁ ଆଗ୍ରହୀ ଥିଲୁ, ତେବେ ଉତ୍ତରଦାତା-ଆଜ୍ଞାଦେଶ ଆବେଦନକାରୀଙ୍କ ତୁଳନାରେ ଲିଖିତ ପରୀକ୍ଷାରେ ଅଧିକ ମାର୍କ ହାସଲ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ସୁଯୋଗ ଦେବା ଆବଶ୍ୟକ ହେବ । ଆମେ ପୂର୍ବରୁ ଏହି ମତ ରଖିଛୁ ଯେ ପୂର୍ବରୁ କରାଯାଇଥିବା ଚୟନକୁ ବାତିଲ କରିବାକୁ ଆମେ ନ୍ୟାୟସଙ୍ଗତ ଏବଂ ସଠିକ୍ ବୋଲି ବିବେଚନା କରୁନାହୁଁ । ଏହି ପରିସ୍ଥିତିରେ ଯଦିଓ ଆମେ ପରିଷଦକୁ ଆହୁରି ତିନୋଟି ପଦବୀ ସୃଷ୍ଟି କରିବାକୁ ଏବଂ ଆଜ୍ଞାଦେଶ ଆବେଦନକାରୀଙ୍କ ତୁଳନାରେ ଲିଖିତ ପରୀକ୍ଷାରେ ସମାନ କିମ୍ବା ଅଧିକ ମାର୍କ ହାସଲ କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେବାକୁ ଆଗ୍ରହୀ ଥିଲୁ, କିନ୍ତୁ ଆଜ୍ଞାଦେଶ ଆବେଦନକାରୀମାନଙ୍କ ଚୟନ ଏକ ସୁଦୂର ସମ୍ଭାବନା ଥିଲା । ଆମ ମତରେ, ଆଜ୍ଞାଦେଶ ଆବେଦନକାରୀମାନଙ୍କ ସଫଳତାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏପରି କାର୍ଯ୍ୟ ବ୍ୟର୍ଥ ହେବ ।

ଫଳସ୍ୱରୂପ, ଆମେ ଏହି ଆବେଦନଗୁଡ଼ିକୁ ଆଂଶିକ ଭାବେ ଅନୁମତି ଦେଉଛୁ ଏବଂ ଉତ୍ତର ପ୍ରଦେଶ ରାଜ୍ୟ ବିଦ୍ୟୁତ ପରିଷଦ ଦ୍ୱାରା ସାକ୍ଷାତକାର ପାଇଁ 40 ମାର୍କ ଏବଂ ଗୋଷ୍ଠୀ ଆଲୋଚନା ପାଇଁ 40 ମାର୍କ ର ବ୍ୟବସ୍ଥା ରଖାଯାଇଥିବା ନିୟମକୁ ମନମୁଖୀ ବୋଲି ଧରି ନେଇ ରଦ୍ଦ କରୁଛୁ । ଆମେ ନିର୍ଦ୍ଦେଶ ଦେଉଛୁ ଯେ ଭବିଷ୍ୟତରେ ସାକ୍ଷାତକାର ପରୀକ୍ଷା ଏବଂ ଗୋଷ୍ଠୀ ଆଲୋଚନା ପାଇଁ ମାର୍କ, ମୋଟ ମାର୍କର ଯଥାକ୍ରମେ 10 ପ୍ରତିଶତ ଏବଂ 5 ପ୍ରତିଶତରୁ ଅଧିକ ହେବ ନାହିଁ । ତେବେ ସହକାରୀ ଯନ୍ତ୍ରୀ ଭାବେ (ନିର୍ମାଣ) ପଦବୀ ପାଇଁ ପରିଷଦ ଦ୍ୱାରା ପୂର୍ବରୁ କରାଯାଇଥିବା ଚୟନରେ ବାଧା ଦିଆଯିବ ନାହିଁ । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ପକ୍ଷମାନେ ନିଜସ୍ୱ ଖର୍ଚ୍ଚ ବହନ କରିବେ ।

ଜି. ଏନ୍.                                        ଆବେଦନକୁ ଆଂଶିକ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।